# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 June– 2024**

## ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଗତକାଲି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଓଡ଼ିଶାକୁ ନିଶ୍ଚିତ ଭାବେ ଏକନମ୍ବର ରାଜ୍ୟରେ ପରିଣତ କରିବା ତଥା ନୂଆ ଓଡ଼ିଶା ଗଠନ ଏହି ସରକାରର ଲକ୍ଷ୍ୟ ରହିଛି । ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା ନେଇ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପୁଞ୍ଜି ନିବେଶ

ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଏକକକ ବାତାୟନ ଅନୁମୋଦନ କମିଟି ବୈଠକରେ ୯୦୩ କୋଟି ୪୧ ଲକ୍ଷ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏଥିରେ ୧୦୨ ଦଶମିକ ୨/୨ ମେଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ପ୍ରସ୍ତାବଗୁଡ଼ିକୁ ମଂଜୁରୀ ମିଳିଛି ।

ଏହି ପ୍ରକଳ୍ପ ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ୪୮ ମେଗାୱାଟ କ୍ଷମତା ସଂପନ୍ନ ପବନ ଶକ୍ତି ପ୍ରକଳ୍ପ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଠାରେ ୪୯ ଦଶମିକ ୫ ମେଗାୱାଟ କ୍ଷମତା ସଂପନ୍ନ ପବନ ଶକ୍ତି ପ୍ରକଳ୍ପ ରହିଛି । ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ୍ ୮୮୧ କୋଟି ୨୮ ଲକ୍ଷ ଟଙ୍କା ପୁଞ୍ଜି ନିବେଶ କରାଯିବ । ସେହିପରି ସମ୍ବଲପୁରର ମାନେଶ୍ୱର, ଖୋର୍ଦ୍ଧା ଜିଲ୍ଲାର ଜଟଣୀ, ସୁନ୍ଦରଗଡ଼ ଜିଲ୍ଲାର କାଂଶବାହାଲ ଆଦି ସ୍ଥାନରେ ବିଭିନ୍ନ ପ୍ରକଳ୍ପ ପାଇଁ ପୁଞ୍ଜି ନିବେଶ ପ୍ରସ୍ତାବକୁ ମଂଜୁରୀ ମିଳିଥିବା ଜଣାପଡ଼ିଛି ।

---

# ଅଭ୍ୟାସ ପରୀକ୍ଷଣ

ବାଲେଶ୍ୱରସ୍ଥିତ ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଇଣ୍ଟିଗ୍ରେଟେଡ୍ ଟେଷ୍ଟ୍ ରେଞ୍ଜ୍ ରୁ ଗତକାଲି ରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ-ଡିଆର୍‌ଡିଓ ପକ୍ଷରୁ ହାଇସ୍ପିଡ୍ ଏକ୍ସପେଣ୍ଡେବଲ୍ ଏରିଏଲ୍ ଟାର୍ଗେଟ୍ 'ଅଭ୍ୟାସ' କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଛି । ଏହା ସହ ଏହି କ୍ଷେପଣାସ୍ତ୍ରର ଦଶମ ଉନ୍ନତ ସଂସ୍କରଣର ପରୀକ୍ଷଣ ସଫଳ ହୋଇଛି । ଏହି ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରର ସମସ୍ତ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରାଯାଇଥିଲା । ଏହି ପରୀକ୍ଷଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓ, ଭାରତୀୟ ସେନା ଓ 'ଅଭ୍ୟାସ' କ୍ଷେପଣାସ୍ତ୍ରର ପ୍ରସ୍ତୁତି ଓ ପରୀକ୍ଷଣ ସହ ଜଡ଼ିତ ବିଭିନ୍ନ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପରୀକ୍ଷଣ ଦ୍ୱାରା ଆକାଶମାର୍ଗ ରକ୍ଷା ଦିଗରେ ସେନାବାହିନୀର ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

---

## ପୂର୍ବତଟ ରେଳପଥ-ମହାପ୍ରବନ୍ଧକ

ପୂର୍ବତଟ ରେଳପଥର ମହାହପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ବଲପୁର ରେଳ ଡିଭିଜନକୁ ଦୁଇଦିନିଆ ଗସ୍ତରେ ଆସି ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ଓ ସମ୍ବଲପୁର-ଝାରସୁଗୁଡ଼ା- ସମ୍ବଲପୁର ସିଟି ଜରପଡ଼ା ରେଳପଥର ଯାଞ୍ଚ କରିଛନ୍ତି । ଗସ୍ତ ସମୟରେ ସେ ଏହିସବୁ ଅଞ୍ଚଳରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଏବଂ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଥିଲେ । ଶ୍ରୀ ଫୁଙ୍କୱାଲଙ୍କ ଗସ୍ତ ସମୟରେ ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନର ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ବରପାଲି ଓ ସମ୍ବଲପୁର ରେଳଷ୍ଟେସନ ମଧ୍ୟ ପରିଦର୍ଶନ କରିଥିଲେ ।

## ଶ୍ରୀଜୀଉ-ଓଷ ଲାଗି

ଗତ ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଅଣସର ଘରେ ଦଇତାପତି ସେବକମାନେ ଜ୍ୱର ଲାଘବ ହେବା ନେଇ ଗୁପ୍ତସେବା ଜାରି ରଖିଛନ୍ତି । ଗତକାଲି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରୀତେଲ ଲାଗି କରାଯାଇଛି । ଆଜିଠାରୁ ମହାପ୍ରଭୁଙ୍କ ଠାରେ ଓଷ ଲାଗି କରାଯିବ । ମଧ୍ୟାହ୍ନ ଧୂପ ପରେ ଶୁଦ୍ଧ ସୁଆରମାନେ ଝୁଣା, ତେଲ ଓ ବିଭିନ୍ନ ଚେରମୂଳିରେ ପ୍ରସ୍ତୁତ କରିଥିବା ଓଷ କୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇବେ । ଏହି ନୀତି ଆସନ୍ତା ୩ ଦିନ ଧରି ଜାରି ରହିବ । ଏହା ପରେ ଶ୍ରୀଜୀଉ ଜ୍ୱରରୁ ଉପଶମ ପାଇବେ । ତେବେ ଦଶମୀ ଦିନ ରାଜବୈଦ୍ୟଙ୍କ ଦ୍ୱାରାପ୍ରସ୍ତୁତ ଦଶମୂଳ ମୋଦକ ଖାଇବା ପରେ ମହାପ୍ରଭୁ ସଂପୂର୍ଣ୍ଣ ସୁସ୍ଥ ହେବେ ବୋଲି ଜଣାପଡ଼ିଛି ।

# ଆଇନମନ୍ତ୍ରୀ

ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗତକାଲି ଚିଲିକା ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ପ୍ରାଧାନ୍ୟ ଦେବା ସହ ଲୋକଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ ପାଇଁ ପ୍ରସ୍ତାବ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ସହ ବ୍ଲକରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଶ୍ରୀ ହରିଚନ୍ଦନ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ଆଥ୍‌ଲେଟିକ୍

ହରିଆଣାର ପଞ୍ଚକୁଲା ଠାରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ସିନିୟର୍ ଆଥ୍‌ଲେଟିକ୍ ପ୍ରତିଯୋଗିତାର ପ୍ରଥମ ଦିବସରେ ଗତକାଲି ଓଡ଼ିଶାର ୫ ଜଣ ସ୍ପ୍ରିଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ମହିଳା ୧୦୦ ମିଟରରେ ଶ୍ରାବଣୀ ନନ୍ଦ, ପୁରୁଷ ୧୦୦ ମିଟରରେ ଅନିମେଶ କୁଜୁର୍, ଦଣ୍ଡବତୀ ଜୟରାମ, ଓ ଲାଲୁ ପ୍ରସାଦ ଭୋଇ ଫାଇନାଲ୍‌ରେ ପ୍ରବେଶ କରିଥିବା ଜଣାପଡ଼ିଛି । ସେହିଭଳି ଓଡ଼ିଶାର ଅଶୋକ ଦଣ୍ଡସେନା ୧୫୦୦ ମିଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଆଜି ଏହିସବୁ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

# ପାଣିପାଗ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ନବରଙ୍ଗପୁରରେ ସର୍ବାଧିକ ୮୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ସେହିଭଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୫ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।